ଧରିତ୍ରୀ
DHARITRI

# ନୀଳାଚଳ ଇସ୍ପାତକୁ ମିଳିଲା କଳିଙ୍ଗ ସୁରକ୍ଷା ପୁରସ୍କାର



**କଳିଙ୍ଗନଗର,୧୦।୧୧(ଡି.ଏନ୍.ଏ.)-** ନୀଳାଚଳ ଇସ୍ପାତ ନିଗମ ଲିମିଟେଡକୁ ମିଳିଛି ୨୦୧୬ କଳିଙ୍ଗ ସୁରକ୍ଷା ପୁରସ୍କାର। ଭୁବନେଶ୍ୱରରେ ଶୁକ୍ରବାର ଅନୁଷ୍ଠିତ ଅଷ୍ଟମ ଓଡିଶା ଷ୍ଟେଟ୍ କନକ୍ଲେଭ ଉତ୍ସବରେ ଏହି ସମ୍ମାନ ପ୍ରଦାନ କରାଯାଇଛି। ରାଜ୍ୟପାଳ ଏସ୍‌ସି ଜମିର୍ ଏହି ଉତ୍ସବରେ ଯୋଗଦେଇ ନୀଳାଚଳ ଇସ୍ପାତର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ଶଶିକାନ୍ତ ଜଗଦ୍ଦଲେଙ୍କୁ ଏହି ସମ୍ମାନ ପ୍ରଦାନ କରିଛନ୍ତି। କାରଖାନା ସୁରକ୍ଷା ଦିଗରେ ଉଲ୍ଲେଖନୀୟ ଉତ୍କର୍ଷତା ନିମନ୍ତେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ପୂର୍ବରୁ ଚଳିତ ବର୍ଷ ମାର୍ଚ୍ଚ ମାସରେ ମଧ କାରଖାନାରେ ଉନ୍ନତ ସୁରକ୍ଷା ବ୍ୟବସ୍ଥା ପାଇଁ ଇସ୍ପାତ ସୁରକ୍ଷା ସମ୍ମାନ ପ୍ରଦାନ କରାଯାଇଥିଲା। ଭାରତ ସରକାରଙ୍କ ଏମ୍‌ଏମ୍‌ଟିସି, ଓଡିଶା ସରକାରଙ୍କ ଓଏମ୍‌ସି ତଥା ଇପିକଲ୍‌ର ଯୌଥ ପରିଚାଳନାରେ ନୀଳାଚଳ ଇସ୍ପାତ ନିଗମ ଯାଜପୁର ଜିଲା କଳିଙ୍ଗନଗରଠାରେ ଥିବା କାରଖାନାରେ ୧.୧ ବିଲିୟନ୍ ଟନ୍ କ୍ଷମତା ଯୁକ୍ତ ଲୌହ ଓ ଇସ୍ପାତ ଉତ୍ପାଦନକାରୀ କମ୍ପାନୀ ଅଟେ। ସୁରକ୍ଷା ଦିଗରେ କମ୍ପାନୀ ଗୁରୁତ୍ୱ ଦେଇ ଆସିଥିବାରୁ ଏହାକୁ ସୁରକ୍ଷା ଦିଗରେ ଏହି ସବୁ ପୁରସ୍କାର ପ୍ରଦାନ କରାଯାଇଛି।